# <u>ତହସିଲଦାରଙ୍କ କାର୍ଯ୍ୟାଳୟ, ରାୟଗଡ</u>

## ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ଜ୍ଞାପ ସଂଖ୍ୟା ୨୮୪୨ /୨୦୧୯ ତାରିଖ ୩୦.୭.୧୯

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ରାୟଗଡ ତହସିଲ ଅନ୍ତର୍ଗତ ସାଇରତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ (OMMC Rules -2016) ଦ୍ୱାରା ପ୍ରଣୀତ Form-M ପୂରଣ କରି ୩ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲ, ରାୟଗଡଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ (ଲଫାପା ଉପରେ ସାଇରତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅପରାହ୍ଣ ଘ ୫.୦୦ ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ (ତହସିଲଦାର) ରାୟଗଡଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧. ଦରଖାସ୍ତ ପାଉଣା ବାବଦ ଟ ୧୦୦୦ ଙ୍କା (ଅଣଫେରସ୍ତ)ର ଟ୍ରେଜେରୀ ଚାଲାଣ ।

୨. ପ୍ରସ୍ତାବିତ ସାଇରତ ଉତ୍ସର ତଫସିଲ ସହ ଚୌହଦୀର ସଂପୂର୍ଣ୍ଣ ବିବରଣୀ ସଂପୃକ୍ତ ସାଇରତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ ।

୩. ସାଇରତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ସହ ଅସ୍ଥାବର ସମ୍ପତି ପ୍ରମାଣ ପତ୍ର ।

୫. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

**ବିଶେଷ ସର୍ତାବଳୀ**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୬ OMMC Rules -2016 ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।

...ଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ / (ଯାହାକି ପ୍ରଚଳିତ ରୟାଲିଟିର ୫% ଅଥବା ଜିଲ୍ଲାପାଳ, ରାୟଗଡଙ୍କ ଦ୍ୱାରା ଅନୁମୋଦିତ ପରିମାଣରୁ ଅଧିକ ହୋଇଥିବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତାହାହେଲେ ଲଟେରୀ ମାଧ୍ୟମରେ ଲିଜ୍‌ଧାରୀ ଚୟନ କରାଯିବ ।

୩. ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ୭ ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ କିରବେ ।

୪. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଉତୋଳନ ନିମନ୍ତେ ଉଦ୍ଦିଷ୍ଟ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ Environment Clearnace ଆଣି ସାରିଲାପରେ ପୈଠ କରିବେ । ସଂପୂର୍ଣ୍ଣ ପୈଠ ହେଲାପରେ ରେଜେଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed) ସଂପାଦନ କରିବେ ।

୫. ଯଦି ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଆମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ଏବଂ ପରବର୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୬. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୭. ନିଲାମଧାରୀମାନେ OMMC Rules -2016 ରେ ଥିବା ନିୟମ 27 ର 1 ରୁ 17 ପର୍ଯ୍ୟନ୍ତ ସମସ୍ତ ସର୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

୮. ଲିଜଧାରୀ ଜମା ରୟାଲିଟିର ୨% ଅର୍ଥ ଆୟକର ବିବଦକୁ ଏବଂ ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମାକରିବେ ।

୯. ଦରଖାସ୍ତକାରୀ Mines & Minerals (Dev & Regulation) Act 1957 ଏବଂ Explosive Act -1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

...ଖାସ୍ତକାରୀ ପ୍ରତିବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

୧୧.ପ୍ରତି ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ Environment Clearance ଏବଂ ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ୍ ପ୍ରଦାନକାରୀ (ତହସିଲ୍‌ଦାର) ସରକାରୀ ଦେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ ପରବର୍ତୀ ସମୟରେ ଲିଜଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜ୍ ରାଜିନାମା ଦାଖଲ ସମୟରେ ଅସୁଲ କରାଯିବ ।

୧୨.ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଅବେଦନକାରୀ ଲଘୁ ଖଣିଜ ପଦାର୍ଥର ବାର୍ଷିକ ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣର (Annual Minimum Guaranteed quantity) ମୋଟ ରୟାଲଟି / ଅତିରିକ୍ତ ରୟାଲଟି / Dist. Mineral Fund / State Mineral Fund ବାବଦ ଦେୟର ମୋଟ ପରିମାଣର ୨୫% ରୁ EMD ଦାଖଲ ହୋଇଥିବା ଅର୍ଥକୁ କାଟି ବାକି ଅର୍ଥ ସୁଧ ବିହୀନ Security Deposit ଆକାରରେ ଲିଜ ରାଜିନାମା ସମୟରେ ପୈଠ କରିବା ପାଇଁ ବାଧ୍ୟ । ଯଦି ଏହି ପ୍ରକାରେ ହିସାବ ହୋଇ ନପାରେ ତେବେ ଲିଜ ପ୍ରଦାନକାରୀ ଅଧିକାରୀ ଅଥବା ତହସିଲଦାର ଧାର୍ଯ୍ୟ କରିଥିବା ଅର୍ଥରାଶି (ବିନା ସୁଧରେ) ଦାଖଲ କରିବେ । ଏଥିସହ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ୍ ଚୁକ୍ତିର ସମସ୍ତ ସର୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ୧୦,୦୦୦ ଟଙ୍କା ଅମାନତ ରୂପେ ଜମା କରିବେ । (ଦ୍ରଷ୍ଟବ୍ୟ ନିୟମ ୪୨) ।

୧୩. ଲିଜ୍ ନିମନ୍ତେ ଚୟନ ହୋଇଥିବା ଆବେଦନକାରୀ ଚୟନ ପରେ ତିନି ସପ୍ତାହ ମଧ୍ୟରେ OMMC Rules -2016 ରେ ଥିବା N ଫର୍ମରେ ରାଜିନାମା କରିବା ପାଇଁ ବାଧ୍ୟ । ଚୟନ ପ୍ରକ୍ରିୟା ପରେ ତିନିମାସ ମଧ୍ୟରେ ଲିଜ୍‌ଧାରୀ ଅନୁମୋଦନ ପ୍ରାପ୍ତ Mining Plan & ପରିବେଶ ମଞ୍ଜୁରୀ କାର୍ଯ୍ୟାଳୟରେ ଦାଖଲ କରିବେ । ନଚେତ୍ ତାଙ୍କର ଲିଜ୍ ଅନୁମୋଦନ ବାଜ୍ୟାପ୍ତି କରାଯିବ ଏବଂ ଜମାକରିଥିବା ଅମାନତ ରାଶି ବଜ୍ୟାପ୍ତି କରାଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।

୧୪.ଲିଜ୍ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜ୍ ଧାରୀ ଲିଜ୍ ସର୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବାଜ୍ୟାପ୍ତି କରାଯିବ ।

.ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ଦର୍ଶାଇ ଯେ କୌଣସି ସମୟରେ ଲିଜ୍‌କୁ ନାକଚ କରିପାରିବେ ।

୧୬.ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ୍ ରାଜିନାମା ଲିଜ୍‌ଧାରୀଙ୍କ ଉତରାଧିକାରୀ ଅଥବା ଆଇନଗତ ପ୍ରତିନିଧିମାନେ ପୁନଶ୍ଚ ଲିଜ୍ ରାଜିନାମା କରି ସଂପୃକ୍ତ ଖଣି ଲିଜ୍ ପରିଚାଳନା କରିପାରିବେ ।

୧୭.ଚୟନ ହୋଇଥିବା ସମସ୍ତ ଲିଜ୍‌ଧାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ଧାରା ୨୭,୨.୨୯,୩.୩୧,୩୨ ଏବଂ ୩୩ର ସମସ୍ତ ଉପଧାରାର ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

୧୮.ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜ୍‌ଧାରୀମାନେ ବର୍ଦ୍ଧିତ ଧାରରେ ରୟାଲଟି ପୈଠ କରିବା ପାଇଁ ବାଧ୍ୟ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖଦିନ ଯେଉଁ ସାଇରତ ଉସ୍ଥ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସାଇରତ ଉସ୍ଥ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ "www.rayagada.nic.in" ରେ ଉପଲବ୍ଧ ରହିଅଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କର ରହିଅଛି । **ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି ।** ତହସିଲ ଅଧିନସ୍ଥ ସାଇରତ ଉସ୍ଥ ଗୁଡିକର ସଂପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଯାଇଅଛି ।

| | | |
|---|---|---|
| ନିଲାମ ସ୍ଥାନ | : | ତହସିଲ କାର୍ଯ୍ୟାଳ୍ୟ, ରାୟଗଡ |
| ଧାର୍ଯ୍ୟ ତାରିଖ ଓ ସମୟ | : | ପ୍ରଥମ ପର୍ଯ୍ୟାୟ ତା ୧୪.୦୮.୨୦୧୯ ଦିବା ୧୧ ଘଣ୍ଟିକା |
| | | ଦ୍ୱିତୀୟ ପର୍ଯ୍ୟାୟ ତା ୨୧.୦୮.୨୦୧୯ ଦିବା ୧୧ ଘଣ୍ଟିକା |
| | | ତୃତୀୟ ପର୍ଯ୍ୟାୟ ତା ୨୮.୦୮.୨୦୧୯ ଦିବା ୧୧ ଘଣ୍ଟିକା |

30.07.19

ତହସିଲଦାର, ରାୟଗଡ

ପତ୍ର ସଂଖ୍ୟା...୨୮୯୩.........                                                                                                           ତା...୩୦.୬.୧୮

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ / ପ୍ରକଳ୍ପ ଅଧିକାରୀ, ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା, ରାୟଗଡ/ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ/ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ / ଏହି ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ/ ପଂଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ / ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି / ଗ୍ରାମ୍ୟ ନିର୍ମାଣ / ଜନସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଣ ଖଣ୍ଡ, ରାୟଗଡ / ପୌର ପରିଷଦ କାର୍ଯ୍ୟାଳୟ, ରାୟଗଡ / ତହସିଲର ସମସ୍ତ ପଂଚାୟତ କାର୍ଯ୍ୟାଳୟ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ନୋଟିସ୍ ବୋର୍ଡରେ ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା / ଏହି କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ପ୍ରକାଶ କରିବା ନିମନ୍ତେ ମଧ୍ୟ ପ୍ରେରଣ କରାଗଲା ।

30.07.19

ତହସିଲଦାର, ରାୟଗଡ

# LIST OF EXISTING SAIRAT SOURCES IN RAYAGADA TAHASIL FOR 2019-20

| NO | NAME OF THE RI CIRCLE | NAME OF THE VILLAGE | TYPE OF SOURCE | KHATA NO | PLOT NO | KISSAM | EXTENT | LEASE PERIOD |
|---|---|---|---|---|---|---|---|---|
| 1 | PITAMAHAL | BADAHANSA | SAND BED | 31 | 130 | NADI | 13 .00 | 2019-20 TO 2023-2024 |
| | | | | | | | | |
| 2 | JIMIDIPETA | KHILMISGUDA | SAND BED | 41 | 57 | NADI | 15.00 | 2019-20 TO 2023-2024 |
| | | | | | | | | |
| 3 | JIMIDEPETA | HATASESKHAL | SAND BED | 21 | 93/165 | NADI | 5.00 | 2019-20 TO 2023-2024 |
| | | | | | | | | |
| 4 | KOMTALPETA | CHANDILI | SAND BED | 61 | 755 | NADI | 18.87 | 2019-20 TO 2023-2024 |

TAHASILDAR : RAYAGADA